# କବାଡ଼ି ଫାଇନାଲ ମ୍ୟାଚ୍ ହୋଇପାରିଲା ନାହିଁ

## ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

■ ଚାପରେ ପଡ଼ି ପୁରସ୍କାର ସମାନ ଭାବେ ବାଣ୍ଟିବାକୁ ନିଷ୍ପତ୍ତି

**ରସୁଲପୁର,୭ା୧ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ୍ ଅଞ୍ଚଳରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବ୍ଲକସ୍ତରୀୟ କବାଡ଼ି, କ୍ରିକେଟ, ଖୋ–ଖୋ ଓ ଭଲି ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିମଧ୍ୟରୁ କବାଡ଼ିକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଆରମ୍ଭରୁ ଖେଳାଳି ପଞ୍ଜୀକରଣକୁ ନେଇ ବିବାଦ ଉପୁଜିଥିବାବେଳେ ସେହି ଅଡୁଆ ଖେଳ ଶେଷ ପର୍ଯ୍ୟନ୍ତ ଲାଗି ରହିଛି। ପରିଚାଳନାଗତ ତ୍ରୁଟି ଯୋଗୁ ଶେଷରେ କବାଡ଼ି ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ହୋଇପାରିନାହିଁ। ଏପରି କି ପ୍ରତିଯୋଗିତାରେ ତୃତୀୟ ଓ ଚତୁର୍ଥ ସ୍ଥାନ ସାବ୍ୟସ୍ତ ପାଇଁ ମ୍ୟାଚ୍ ନ ହୋଇ ପୁରସ୍କାର ପ୍ରଦାନ ପାଇଁ ସ୍ଥିର କରାଯାଇଛି। ଏଭଳି ଭାବେ ବାଧାପ୍ରାପ୍ତ ଖେଳର ୪ଟି ଦଳକୁ ଖୁସି କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ଦଳକୁ ଗତ ଶୁକ୍ରବାର ଅପରାହ୍ନରେ କୁଆଖିଆ ମହୋତ୍ସବ ମଞ୍ଚରେ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ତାକୁ ନେଇ ବିବାଦ ଦେଖାଦେବାରୁ ନିଷ୍ପତ୍ତି ସ୍ଥଗିତ ରଖିବାକୁ ବାଧ ହୋଇଛି ବ୍ଲକ ପ୍ରଶାସନ। ଫାଇନାଲ ଖେଳ ନ ହେବାରୁ ପ୍ରଦର୍ଶନ ଆଧାରରେ ରସୁଲପୁର ଓ ବାହାଦଲାପୁର କବାଡ଼ି ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ପୁରସ୍କାର ରାଶି ଭାବରେ ଚାମ୍ପିୟନ ଦଳକୁ ୨୦ ହଜାର, ରନର୍ସଅପକୁ ୧୫ ଓ ତୃତୀୟ ସ୍ଥାନ ଦଳକୁ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଉକ୍ତ ଅର୍ଥରାଶିକୁ ମିଶାଇ ୪ ଦଳ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନା ମୁତାବକ, ୧୯ ଡିସେମ୍ବର ୨୦୨୩ରେ କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉକ୍ତ ଖେଳ ପାଇଁ ବିଭିନ୍ନ ପଞ୍ଚାୟତର ଖେଳାଳି ନାମ ପଞ୍ଜୀକରଣ କରିଥିଲେ। କେତେକ ଖେଳାଳି ଗୋଟିଏ ପଞ୍ଚାୟତର ହୋଇ ଅନ୍ୟ ପଞ୍ଚାୟତରେ ଖେଳିବାକୁ ପଞ୍ଜୀକରଣ କରିଥିଲେ। ଏହାକୁ ଅନ୍ୟ ଖେଳାଳି ବିରୋଧ କରିବାରୁ ବିବାଦ ଉପୁଜିଥିଲା। ରସୁଲପୁର, ବାହାଦଲାପୁର, ରାହାମ୍ବା ପଞ୍ଚାୟତର ଖେଳାଳିଙ୍କ ନାମ ପଞ୍ଜୀକରଣ ବେଳେ ଏହି ଅସୁବିଧା ହୋଇଥିଲା। ଫଳରେ ବାହାଦଲାପୁର ପଞ୍ଚାୟତର କେତେଜଣ ଯୁବକ ଖେଳ ପରିଚାଳନାରେ ତ୍ରୁଟିକୁ ବିରୋଧ କରି ଖେଳ ପଡ଼ିଆରେ ଭଙ୍ଗାରୁଜା କରିଥିଲେ। ଏହାପରେ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ବାଧାପ୍ରାପ୍ତ ହୋଇଥିଲା। ଗତ ଗୁରୁବାର ଫାଇନାଲ ମ୍ୟାଚ୍ ହେବାକୁ ସ୍ଥିର କରାଯାଇଥିଲା। ଏହାକୁ ଅନ୍ୟ ଦଳ ସହଯୋଗ କରି ନ ଥିଲେ। ଏହାର ସମାଧାନ ପାଇଁ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅବନିକାନ୍ତ ସାହୁ, କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ, ପଞ୍ଚାୟତର ଜନପ୍ରତିନିଧି, ଖେଳ ପରିଚାଳକ ଓ ଅଧିନାୟକମାନଙ୍କୁ ନେଇ ଏକ ଆଲୋଚନା କରାଯାଇଥିଲା। ହେଲେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଫଳରେ ଫାଇନାଲ ମ୍ୟାଚ୍ ହୋଇପାରି ନ ଥିଲା। ଅନ୍ୟ କୌଣସି ଉପାୟ ନ ପାଇ ବ୍ଲକ ପ୍ରଶାସନ ପକ୍ଷରୁ ଯୁଗ୍ମ ବିଜେତା ଘୋଷଣା କରିବା ସହ ପୁରସ୍କାର ରାଶି ୪ର୍ଥ ଦଳ ପର୍ଯ୍ୟନ୍ତ ଲମ୍ବିଯାଇଥିଲା। ଖେଳଦ୍ୱାରା ବିଭିନ୍ନ ପଞ୍ଚାୟତରେ ସଦ୍‌ଭାବନା ସୃଷ୍ଟି ବଦଳରେ ଭାଇଚାରା ନଷ୍ଟ ହେବା ସହ ବ୍ଲକ ପାଖ ପଞ୍ଚାୟତଗୁଡ଼ିକର ଖେଳାଳିମାନଙ୍କ ମଧ୍ୟରେ କଳି ମଞ୍ଜି ପୋତାଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଧୀର କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଫାଇନାଲ ମ୍ୟାଚ୍ ଖେଳାଯିବାକୁ ଜାନୁଆରୀ ୪ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଖେଳାଳିମାନେ ସହଯୋଗ ନ କରିବାରୁ ବିଭିନ୍ନ ବର୍ଗର ପ୍ରତିନିଧିଙ୍କୁ ନେଇ ଆଲୋଚନା ହୋଇଥିଲା। ଆଲୋଚନା ସଫଳ ହୋଇ ନ ପାରିବାରୁ ପ୍ରଶାସନ ପକ୍ଷରୁ ଯୁଗ୍ମ ବିଜେତା ଘୋଷଣା କରି ପୁରସ୍କାର ରାଶି ବାଣ୍ଟିଦେବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ତାକୁ ବାତିଲ କରିଦିଆଯାଇଛି। ତେଣୁ କେବେ ଓ କେଉଁଠି ପୁରସ୍କାର ବିତରଣ ହେବ ସେ ନେଇ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇନାହିଁ।




## ସଂକ୍ଷେପରେ

### ବିରଳ ପକ୍ଷୀ ଉଦ୍ଧାର



**ପାଣିକୋଇଲି,୭ା୧ (ବିକାଶ ମଲ୍ଲିକ):**

ପାଣିକୋଇଲି ମୁଲରୀସ୍ଥିତ ଆର୍ଶୀବାଦ ଆଗ୍ରୋ ପଡକ୍ଟରୁ ରବିବାର ଏକ ବିରଳ ପକ୍ଷୀ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାଇସ ମିଲର ୯୦ ଫୁଟ ଉଚ୍ଚତାରେ ହଠାତ ଏକ ଧଳା ପକ୍ଷୀ ଆସି ବସିଥିଲା। ଏହାକୁ କର୍ମଚାରୀମାନଙ୍କ ଦ୍ୱାରା ଉଦ୍ଧାର କରାଯାଇ ମ୍ୟାନେଜର ଶରତ ଚନ୍ଦ୍ର ଦାଶଙ୍କୁ ହସ୍ତାନ୍ତର କରାଯାଇଥିଲା। କେହି ଏହାକୁ ଧଳା ପେଚା କହୁଥିବା ବେଳେ ଅନ୍ୟ କେହି ବିଷ୍ଣୁଙ୍କ ଅବତାର ଗରୁଡ଼ ପକ୍ଷୀ ବୋଲି କହିଥିଲେ। ଏହାକୁ ଦେଖିବାକୁ କ୍ରମଶଃ ଭିଡ଼ ଲାଗିଥିଲା। ବନ ବିଭାଗକୁ ଜଣାଇବା ପରେ ଯାଜପୁର ରୋଡ୍ ବନ ବିଭାଗର ଉପଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ନିର୍ମଳ ମଲ୍ଲିକ, ସୋନାଲି ମାଝି ଓ ରାଜୁ ମୁଣ୍ଡା ପ୍ରମୁଖ ପହଞ୍ଚି ପକ୍ଷୀକୁ ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ୧୧ରୁ

**ଯାଜପୁରରୋଡ୍,୭ା୧ (ପବିତ୍ର ରଞ୍ଜନ ମହାନ୍ତି):**

ଯୁଗନିର୍ମାଣ ଶାନ୍ତିକୁଞ୍ଜ ହରିଦ୍ୱାର ଆନୁକୂଲ୍ୟରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏହା ଆସନ୍ତା ୧୧ ତାରିଖ ଗୁରୁବାରଠାରୁ ୧୩ ତାରିଖ ଶନିବାର ପର୍ଯ୍ୟନ୍ତ ବ୍ୟାସନଗର ଗୋପବନ୍ଧୁ ଛକ ନିକଟ ନନ୍ଦରାମ ବାଟିକାରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି। ୧୧ ତାରିଖରେ ସମୂହ କଳସ ଯାତ୍ରା ନଗର ଭ୍ରମଣ କରି ଯଜ୍ଞ ସ୍ଥଳରେ ପହଞ୍ଚିବ। ପରେ ଦେବପୂଜନ, ସନ୍ଧ୍ୟାରେ ହରିଦ୍ୱାର ଋଷିପୁତ୍ରଙ୍କ ଦ୍ୱାରା ପ୍ରବଚନ ଓ ଯୁଗସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୨ ତାରିଖ ସକାଳ ସମୟରେ ପ୍ରଭାତ ଫେରି, ନାଦଯୋଗ, ଯଜ୍ଞ, ସଂସ୍କାର, ସନ୍ଧ୍ୟାରେ ଦୀପ ଯଜ୍ଞ, ପ୍ରବଚନ ଓ ଯୁଗସଙ୍ଗୀତ ଏବଂ ୧୩ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଯାଜପୁରରୋଡ୍ ଗାୟତ୍ରୀ ପରିବାର ସହଯୋଗରେ ହେଉଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଯୋଗଦେଇ ଉତ୍ସାହିତ କରିବା ସହ ବିଷ୍ଣୁକୃପା ଲାଭ କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି।

### ବରୁଣେଇ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବିଞ୍ଝାରପୁର,୭ା୧ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଫତେପୁର ଯଜ୍ଞ ପଡ଼ିଆଠାରେ ୩୮ତମ ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସରପଞ୍ଚ ମାଧବୀଲତା ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଗ୍ରାମାଞ୍ଚଳ ଯୁବପ୍ରତିଭାକୁ ବିକାଶ କରିବା ସହିତ ଭାଇଚାରା ଯୋଡିବାରେ ପ୍ରମୁଖ ଭୂମିକା ନିଭାଉଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଲିଗ ମ୍ୟାଚ ବିସିସି ମଲିଆ ଓ ଭବାନୀ ସ୍ପୋର୍ଟିଂ ଶାସନ୍ଦା ମଧ୍ୟରେ ହୋଇଥିଲା। ଶାସନ୍ଦା ବିଜୟ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚକୁ ରାଜେଶ ଦାସ ଓ ରମେଶ ଗୁରୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ପ୍ରମୋଦ ସାହୁ, କଳିଙ୍ଗ ମହାକୁଳ, ଧୀରେସ ସାହୁ, ନରୋତ୍ତମ ଜେନା, ଅନୁରଂଜନ ମହାକୁଳ ଓ ଦେବଦତ୍ତ ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା

**ବଡ଼ଚଣା,୭ା୧ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ନାୟକ ଓ ଶାନ୍ତି ଭୋଇ କର୍ଣ୍ଣାଟକର ସାଲେମଠାରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟବଲ ଓ ଟେନିସ ଚାମ୍ପିୟନଶିପ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇ ସଫଳତା ହାସଲ କରିଛନ୍ତି।

ଓଡ଼ିଶାର ପ୍ରତିଯୋଗୀମାନେ ଏହି କ୍ରୀଡ଼ାରେ ୧୨ ପଦକ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବିଭାଗରେ ରାଜ୍ୟର ପ୍ରତିଯୋଗୀ ଏକକ ଯୁଗଳ ଓ ଟିପ୍ଲେସରେ ଚାମ୍ପିୟନ ହୋଇଛନ୍ତି। ପ୍ରଶିକ୍ଷକ ଉମାକାନ୍ତ ପୃଷ୍ଟି ଓ ରେଫରି କ୍ରୀଡ଼ା ଶିକ୍ଷକ ଅଶୋକ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ସଫଳତା ପାଇଛନ୍ତି। ଅର୍ପିତା ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ଓ ଟ୍ରଫି ହାସଲ କରିଛନ୍ତି। ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ରାଜ୍ୟସ୍ତରୀୟ ମେଧା ଛାତ୍ରବୃତ୍ତି ପରୀକ୍ଷା




ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

**ରସୁଲପୁର,୭ା୧ (ରଂଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ କୁଆଖିଆ ହାଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ୟାମ୍ପସ୍‌ରେ ରବିବାର ରାଜ୍ୟସ୍ତରୀୟ ମେଧାଛାତ୍ର ବୃତ୍ତି ପରୀକ୍ଷା–୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପରୁସ୍କୃତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ କଲେଜ ନିର୍ଦ୍ଦେଶକ ଇଂ. ସନ୍ତୋଷ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଅଧ୍ୟାପକ ଡ. ବିଜୁନି ଚରଣ ସୁତାର, ମୁଖ୍ୟବକ୍ତା ଡ. କପିଳ ଚରଣ ମହାନ୍ତି, ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍‌ର ଡିନ ଡ. ଅଲେଖ ଚନ୍ଦ୍ର ନାୟକ, କଲେଜ ଅଧ୍ୟକ୍ଷ ସନ୍ଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପରୁସ୍କୃତ କରିଥିଲେ। ୨୦ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କଲେଜକୁ ସ୍ଥାୟୀ ସ୍ୱୀକୃତି ମିଳିଥିବାରୁ କର୍ତ୍ତୃପକ୍ଷ ସନ୍ତୋଷବ୍ୟକ୍ତ କରିବା ସହ ଏ ଦିଗରେ ଅଭିଭାବକ ଓ ବିଦ୍ୟାର୍ଥୀଙ୍କୁ ସୂଚନା ଦିଆଯାଇଥିଲା। ଉକ୍ତ ପରୀକ୍ଷାରେ ୧୨୦୦ରୁ ଉର୍ଦ୍ଧ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ପ୍ରତିଯୋଗୀଙ୍କୁ ନେଇ ୨ ପର୍ଯ୍ୟାୟରେ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ କବିରପୁର ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ଶୁଭମ୍ ଶୁଭଙ୍କର ସାହୁ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ପାଇଛନ୍ତି। ସେହିପରି ମାଳପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇପ୍ସିତା ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ୭ ହଜାର, ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ପ୍ରମୋଦ ଦଳାଇ ଧନ୍ୟବାଦ ଦେଇଥିଲେ।

# ମାମଲା ରୁଜୁ କରି ପୋଲିସ ଚୁପ୍ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ପୀଡ଼ିତ ପରିବାର

**ପାଣିକୋଇଲି,୭ା୧ (ବିକାଶ ମଲ୍ଲିକ):**

ମରଣାନ୍ତକ ଆକ୍ରମଣ ଓ ଜାତିଗତ ଅକ୍ଷେପ ଅଭିଯୋଗରେ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଛି। ଏହାର ପ୍ରତିବାଦରେ ପୀଡ଼ିତ ପରିବାର ପାଣିକୋଇଲିସ୍ଥିତ ଜିଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଧର୍ମଶାଳା ଥାନା ଥାନୁଆଳ ଗ୍ରାମର ବୁଲା ମଳିକଙ୍କ ଅଭିଯୋଗ ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଚନ୍ଦ୍ରକାନ୍ତ ସେଠୀ, କମଳାକାନ୍ତ ସେଠୀ, ମାଗୁଣୀ ସେଠୀ, ପୀତବାସ ସେଠୀ, ସେରୁ ସେଠୀ ଓ ଜିତେନ୍ଦ୍ର ଦୋରା ପ୍ରମୁଖ ସଂଘବଦ୍ଧଭାବେ ଗ୍ରାମର ହନୁମାନ ମନ୍ଦିର ନିକଟରେ ଗତ ୧ ତାରିଖରେ ବୁଲା ଓ ତାଙ୍କ ଦୁଇଭାଇ ମଦନ ଏବଂ ପଦନକୁ ଜାତିଆଣା ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଏଥିରେ ୩ ଭାଇ ଗୁରୁତର ହୋଇ ଥିଲେ। ଏନେଇ ବୁଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୪୧୨୪ ରୁଜୁ କରିଥିଲା। ମାତ୍ର ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ଜାତିଆଣ ଓ ୩୦୭ ଦଫା ନ ଲଗାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ପୀଡିତ ପରିବାର ସାମାଜିକ କର୍ମୀ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଆସି ଆରକ୍ଷୀ ଅକ୍ଷୀକ୍ଷକଙ୍କୁ ଭେଟିବାକୁ ଆସିଥିଲେ। ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ରାଉତରାୟ ଏହା ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୀଡ଼ିତ ପରବାରକୁ ପ୍ରତିଶ୍ରୁତି ଦେଇଛନ୍ତି।




# ପୂର୍ଣ୍ଣଚନ୍ଦ୍ରପୁର ସେତୁ ଉଦ୍‌ଘାଟିତ

**ଛତିଆ,୭ା୧ (ସୌମ୍ୟ ରଞ୍ଜନ ସାହୁ):**

ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ସଂଯୋଗୀକରଣ ସେତୁର ପୁନରୁଉଦ୍ଧାର କରାଯାଇ ଉଦ୍‌ଘାଟନ କରାଯାଇଛି। ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ ଓ ସମିତି ସଭ୍ୟା ରେବତୀ ଭୋଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ କାର୍ତ୍ତିକ ସାମନ୍ତ, ବଳରାମ ଜେନା, ସୌଭାଗ୍ୟ ସାମଲ, ଅର୍ଜୁନ ତିରିଆ, ତ୍ରିଲୋଚନ ମହାନ୍ତ, ପ୍ରଫୁଲ ମହାନ୍ତ, କୃଷ୍ଣଚନ୍ଦ୍ର ପାତ୍ର, ନରେନ୍ଦ୍ର ମହାନ୍ତ, ଭଜମୋହନ ଭୋଇ ଓ ୱାର୍ଡ ସଭ୍ୟ ଲବ ଚମ୍ପିଆଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଏହି ରାସ୍ତା କେବଳ ପୂର୍ଣ୍ଣଚନ୍ଦ୍ରପୁର ନୁହେଁ, କଟକ ଓ ଢେଙ୍କାନାଳ ଜିଲାକୁ ମଧ୍ୟ ସଂଯୋଗ କରୁଛି।

ପୂର୍ବରୁ ନିର୍ମାଣ ହୋଇଥିବା ଏହି ସେତୁ ନିମ୍ନମାନର ହୋଇଥିବାରୁ ଭାଙ୍ଗି ପଡ଼ିଥିଲା। ଫଳରେ ଜନସାଧାରଣ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଭାଜପା ନେତା ଅମର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କୁ ନାୟକ ଅବଗତ କରିବା ପରେ ଟେଣ୍ଡର କରାଯାଇ ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ସେତୁର ପୁନରୁଦ୍ଧାର କରାଯାଇଥିଲା। ଭାଜପା ନେତା ନାୟକ ଓ ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମରେ ସେତୁ ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ସ୍ଥାନୀୟ ଅଧିବାସୀ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି।

# ଶିଶୁମନ୍ଦିରରେ ଖେଳକୁଦ ସମାରୋହ



ସମାରୋହରେ ଯୋଗଦେଇଥିବା ଅତିଥି।

**କାଏମା,୭ା୧ (ଶିବପ୍ରସାଦ ମହାନ୍ତି):**

କାଏମା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ସଂକୁଳସ୍ତରୀୟ ଖେଳ କୁଦ ସମାରୋହ ଲାଲବାହାଦୂର ହାଇସ୍କୁଲ ପଡ଼ିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବୀରପୁର ସଂକୁଳ ପ୍ରମୁଖ ବିଜୟ କୁମାର ସାହୁ ଦେଇଥିଲେ। ସମ୍ମାନିତ ଅତିଥି ସଂକୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ ଏବଂ ସ୍ଥାନୀୟ ବିଦ୍ୟାମନ୍ଦିର ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କ୍ରୀଡ଼ାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କବିରପୁର, କାଏମା, କୁଣ୍ଡପାଟଣା, କଳାମାଟିଆ, ବରୀ, ଶୁକଳ, ସାନ ତ୍ରିଲୋଚନପୁର ଓ ବ୍ରହ୍ମବରଦାର ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା' ସହଯୋଗ କରିଥିଲେ। କୁଣ୍ଡପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ମଶାଲ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ଜେନାପୁର ଜନଜାଗରଣ ମଞ୍ଚ ଓ ଦୁର୍ନୀତି ବିରୋଧୀ ମଞ୍ଚର ସଦସ୍ୟ।

**ଜେନାପୁର,୭ା୧ (ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଜନଜାଗରଣ ମଞ୍ଚ ଓ ଦୁର୍ନୀତି ବିରୋଧୀ ମଞ୍ଚ ମିଳିତ ଆନୁକୂଲ୍ୟରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଜେନାପୁର ଥାନାଠାରୁ ବାହାରି ବାଲିଯାତ୍ରା ପଡ଼ିଆସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଆବାହକ ଅକ୍ଷୟ ମଳିକ, ରଞ୍ଜିତ ଦୋରାଙ୍କ ନେତୃତ୍ୱରେ ମନୋଜ ସାହୁ, କ୍ଷେତ୍ରବାସୀ ରାଉତ, ମାୟାଧର ସେଠୀ ଓ ସୁକଦେ ତରାଇ ପ୍ରମୁଖ ମଞ୍ଚର ଶତାଧିକ ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

# ଆଜିଠାରୁ ସୌରିକ ଯୁବ ମହୋତ୍ସବ

**କାଳିଆପାଣି,୭ା୧ (ଅସିତ ମହାନ୍ତ):**

ସୁକିନ୍ଦା ଖଣି ଅଞ୍ଚଳରେ ସୌରିକ ଯୁବ ମହୋତ୍ସବ ସୋମବାର ୮ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଅଞ୍ଚଳବାସୀଙ୍କ ପାଇଁ ଗଣପର୍ବ ପାଲଟିଥିବାରୁ ଏଥିରେ ୧୦ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସମେତ ପ୍ରତି ପରିବାର ସଦସ୍ୟ ସାମିଲ ହେବେ। ଏଥିସହିତ ପ୍ରତିଦିନ ଢେଙ୍କାନାଳ ଓ କେନ୍ଦୁଝର ଜିଲାରୁ ଲୋକଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି।

ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ଅନୁଷ୍ଠିତ ହେଉଥିବାବେଳେ ସର୍ବବ୍ୟବସ୍ଥା ପ୍ରମୁଖ ଭାବେ ଶ୍ରମିକ ସଂଘ ନେତା ନାରାୟଣ ଚନ୍ଦ୍ର ଧୀର ଦାୟିତ୍ୱ ନେଇଛନ୍ତି। ଦିନବେଳା ମହିଳା, ଛୋଟ ପିଲା, ସ୍କୁଲ ପିଲା, କଲେଜ ପିଲା, ଦିବ୍ୟାଙ୍ଗ ଓ କିନ୍ନରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସନ୍ଧ୍ୟାରେ ରାଜ୍ୟ ଓ ଦେଶର ନାମୀଦାମୀ ସଙ୍ଗୀତ, ନୃତ୍ୟ, ଲୋକକଳା ଓ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ, ଝୁମର, ଜୁଆଙ୍ଗଙ୍କ ଚାଙ୍ଗୁ ନୃତ୍ୟକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ପ୍ରଥମ ଦିନରେ ଶୋଭନା ମିଶ୍ର ଆଙ୍କରଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବେ। କଣ୍ଠଶିଳ୍ପୀ ହ୍ୟୁମାନ ସାଗର, କମେଡି ପ୍ରଜ୍ଞାନ, ଶଙ୍କର, ସେଲିବ୍ରିଟି ସ୍ୱରାଜ, ମନୋଜ, ସୀମନ୍ତ ଯୋଗଦେଇ ଲୋକଙ୍କ ମନୋରଞ୍ଜନ କରିବେ। ଗିରିଶ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ଦ୍ୱିତୀୟ ଦିନରେ ସ୍ୱୟମ ପାଢ଼ୀ, ଅନ୍ତରା, କମେଡିଆନ ଟୁକୁନା ଷ୍ଟାଇଲିସ, ସେଲିବ୍ରିଟି ସୁଭାଶିଷ, ଶିବାନୀ ସ୍ମୃତିରେଖା ଓ ରଞ୍ଜନ ଯୋଗଦେବେ। ଅମିନ ନାୟକଙ୍କ ଡି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବ। ତୃତୀୟ ସନ୍ଧ୍ୟାରେ ମାନସୀ ମିଶ୍ର ଆଙ୍କରିଂ କରିବାକୁ ଥିବା ବେଳେ ଅସୀମା ପଣ୍ଡା ସିଙ୍ଗର, ମହଲା ମାଣ୍ଡା, ସେଲିବ୍ରିଟି ଶୈଳେନ୍ଦ୍ର, ଦିବ୍ୟା, ନିଲ, ହିରଣ୍ୟମୟୀ, ପପିଙ୍ଗ ଦିବ୍ୟ ନୃତ୍ୟ ପରିବେଷଣ କରିବେ। ୪ର୍ଥ ଦିନରେ ଶୁଭମ ଆଙ୍କରିଂ କରିବାକୁ ଥିବା ବେଳେ ପବନଦୀପ, ଅରୁଣିମା ସିଙ୍ଗର, ରାଜୁ ଦାସ, ରିୟା, ମନ୍ମୟ, ରୋନାଞ୍ଜଳି ଓ ଆଇଡିଏସ୍ ଗ୍ରୁପ ନୃତ୍ୟ ପରିବେଷଣ କରିବେ। ୫ମ ଦିନରେ ଅମ୍ରିତା ଆଙ୍କରିଂ କରିବାକୁ ଥିବାବେଳେ ମଣ୍ଟୁ ଛୁରିଆ, ଗୁଲୁଆ ଓ କାଳିଆ, ପନ୍ତ, ଜ୍ୟୋତି, ସୁପ୍ରିୟା, ହିତେଶ ଯୋଗଦେବେ। ଗିରିଶ ମହାନ୍ତ ନୃତ୍ୟ ପରିବେଷଣ କରିବେ ବୋଲି ଜଣାପଡିଛି। ଓଆଇଏସଏଫ୍, ଟାଟା, ଓଏମ୍‌ସି ଓ ବେଦାନ୍ତ ନିରାପତ୍ତା ରକ୍ଷୀମାନେ ଆଇନଶୃଙ୍ଖଳା ପରିଚାଳନା କରିବେ ବୋଲି ସର୍ବବ୍ୟବସ୍ଥା ପ୍ରମୁଖ ନାରାୟଣ ପ୍ରକାଶ କରିଛନ୍ତି।

# ଯୁନିୟନ୍ ସ୍ପୋର୍ଟିଂ କଟକ ଚାମ୍ପିୟନ

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

**ଯାଜପୁର ଟାଉନ,୭ା୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ଓ ମେଲବର୍ନ କ୍ରିକେଟ କ୍ଲବ୍ ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେପକଟ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ୍ ଅଧୀନ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଯୁନିୟନ୍ ସ୍ପୋର୍ଟିଂ କଟକ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଯୁନିୟନ୍ ସ୍ପୋର୍ଟିଂ କଟକ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ମାତ୍ର ୨ ଓଭର ଖେଳି ୬ରନ୍ ସଂଗ୍ରହ କରିବା ସହ ୨ ଉଇକେଟ୍ ହରାଇଥିଲା। ପରେ ଖେଳାଳିମାନେ ପିଚ୍ ଭଲ ନାହିଁ କହି ଖେଳପଡିଆ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସେମାନଙ୍କୁ ଯେତେ ବୁଝାଶୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଦଳ ଫାଇନାଲ ମ୍ୟାଚ୍‌ରୁ ଓହରି ଯାଇଥିଲା। ତେଣୁ ଯୁନିୟନ ସ୍ପୋର୍ଟିଂ କଟକକୁ ଚମ୍ପିୟାନ ଭାବେ ବିବେଚିତ କରାଯାଇଥିଲା। ମ୍ୟାଚ୍‌କୁ ଉପଭୋଗ କରିବାକୁ ଆସିଥିବା ଶହଶହ ଦର୍ଶକଙ୍କ ମଧ୍ୟରେ ନିରାଶମୟ ଦେଖାଦେଇଥିଲା। ଚାମ୍ପିୟନ୍ ଦଳକୁ ଓଡ଼ିଶା କ୍ରିକେଟ ଆସୋସିଏସନର ଟେକ୍‌ନିକାଲ ନିର୍ଦ୍ଦେଶକ ଭେଙ୍କଟ୍ ରାମ, ପ୍ରଫେସର ବଟକୃଷ୍ଣ ମହାପାତ୍ର, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଉପସଭାପତି ପଦାରବିନ୍ଦ ପରିଡ଼ା ପୁରସ୍କୃତ କରିଥିଲେ। ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଯାଜପୁର ପୌରପାଳିକାର ନଗର ବିଜେଡି ସଭାପତି ମନୋଜ ସାହୁ, କାଉନ୍‌ସିଲର ସୁଭାଶିଷ ରାଉତ, ପାର୍ଥସାରଥୀ ବେହେରା, ଉମା ସିଂ, ସଞ୍ଜୟ ବେହେରା, ମନୋଜ ପତି, ସୁଶାନ୍ତ ସିଂହ, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଦିବାକର କର ଓ ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ଶାରଦା ମହାପାତ୍ର, ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନାକରିଥିବା ବେଳେ ସ୍କୋରର ଭାବେ ଶୁଭ୍ରାଂଶୁ ବେହୁରିଆ ଓ ସ୍ୱସ୍ତିକ ପହି ଯୋଗ ଦେଇଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଅର୍ଦ୍ଧାଧିକ ଚାଷଜମି ଜଳସେଚନରୁ ବଞ୍ଚିତ

■ କୃଷିଭିତ୍ତିକ ଜିଲାରେ ପ୍ରକୃତ ସମସ୍ୟାକୁ ଅଣଦେଖା
■ ଭିତ୍ତିଭୂମି ଅଭାବରୁ ଚାଷୀ ଚାଷ ଛାଡୁଛନ୍ତି
■ ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଗଠନ

କେନ୍ଦ୍ରାପଡ଼ା, ୭।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଶୁକ୍ରବାରଠାରୁ ୧୧୮ ସ୍ଥାନରେ ସରକାରୀ ଧାନମଣ୍ଡି ଖୋଲିବ। ବଳକା ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଦିଆଯାଇଛି। ତେବେ ଚଳିତବର୍ଷ ପୂର୍ବବର୍ଷ ତୁଳନାରେ ଖରିଫ ଧାନ ସଂଗ୍ରହ କମ୍ ରହିବ ବୋଲି ପ୍ରାଥମିକ ଆକଳନ କରାଯାଉଛି। ଏହାର କାରଣ କ୍ଷେତ ପାଇଁ ଜଳ ପରିଚାଳନା। ଅର୍ଦ୍ଧାଧିକ ଚାଷ ଜମି ଜଳସେଚନରୁ ବଞ୍ଚିତ, ପାଣି ପଞ୍ଚାୟତ ଗଠନ ଓ ପରିଚାଳନାଗତ ତ୍ରୁଟି ପାଇଁ ଚାଷ ଏବେ ଲାଭଜନକ ହେଉ ନାହିଁ। କୃଷକଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା, କୃଷକ ନେତା ଗୟାଧର ଧଳ କହିଛନ୍ତି, ନିର୍ବାଚନ ସମୟ ଆସିଲେ ରାଜନେତାଙ୍କର ଚାଷୀଙ୍କ ସମସ୍ୟାଗୁଡ଼ିକ ମନେପଡ଼େ। ଇସ୍ତାହାର ପତ୍ରରେ ଚାଷୀ ଓ ଚାଷ ସମସ୍ୟାକୁ ଗୁରୁତ୍ୱ ଦିଆଯାଏ। ନିର୍ବାଚନ ପ୍ରକ୍ରିୟା ଶେଷ ପରେ ଏହି ଇସ୍ତାହାରର ଗୁରୁତ୍ୱ ରହେ ନାହିଁ। ଜିଲାର ୩୬,୦୩୮ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ୭୦,୩୩୩ ହେକ୍ଟର ଜମିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ଚାଷୋପଯୋଗୀ ୭୫,୮୧୮ ହେକ୍ଟର ମଧ୍ୟମ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମି ଜଳସେଚିତ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବିକ ତଥ୍ୟ ଏହାଠାରୁ ଭିନ୍ନ। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ। ପ୍ରତି ବ୍ଲକର ଅତିକମ୍‌ରେ ୩୫ ପ୍ରତିଶତ କ୍ଷେତକୁ ଜଳ ଯୋଗାଣ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବାର ଦୀର୍ଘଦିନ ବିତିଥିଲେ ମଧ୍ୟ ଏହା ଏହି ବ୍ଲକଗୁଡ଼ିକରେ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବବର୍ଗ ଚାଷ ଛାଡ଼ି କର୍ମନିଯୁକ୍ତି ପାଇଁ ବିଦେଶମୁହାଁ ହେଉଛନ୍ତି। ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ଏ ନେଇ କୃଷି ବିଭାଗ ପକ୍ଷରୁ ଏକ ତଥ୍ୟ ମିଳିଛି। ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨୮,୦୭୦ ହେକ୍ଟର ଚାଷଜମି ଥିବା ବେଳେ ମାତ୍ର ୬,୮୨୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି। ଅର୍ଥାତ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ମୋଟ ୨୫,୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ରାଜକନିକା ବ୍ଲକ ଅଞ୍ଚଳରେ ୩୩.୬୨ ପ୍ରତିଶତ କ୍ଷେତକୁ ଉଠା ଜଳସେଚନ ଓ ଅନ୍ୟ ଉତ୍ସରୁ ଜଳ ମିଳୁଛି। ଜିଲାରେ ୧,୧୧୪ଟି ଲିଫ୍ଟ ଇରିଗେଶନ ଓ ୩,୦୬୩ଟି ସୋଲୋ ଟିଉବୱେଲ ମାଧ୍ୟମରେ ମୋଟ ୩୦,୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ ଥିବା ବେଳେ ଅନ୍ୟ ଉତ୍ସରୁ ମାତ୍ର ୧୦,୬୨୪ ହେକ୍ଟର ପାଣି ମିଳୁଥିବା ଦର୍ଶାଯାଇଛି। ତେବେ ତୃଣମୂଳରେ ଏହାର ତନଖି କଲେ ଏହି ତଥ୍ୟ ଅବାସ୍ତବ ବୋଲି ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। କେତେଗୋଟି ପାଣି ପଞ୍ଚାୟତରେ ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ହଡ଼ପ କରୁଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ଗୋବରୀ, ଜମ୍ବୁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଆଦିରେ ବିଲାତି ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ପ୍ରତିବର୍ଷ ବନ୍ୟା ସମୟରେ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ଚାଷ ନଷ୍ଟ ହେଉଛି। ଜଳ ନିଷ୍କାସନ ଓ ଜଳସେଚନ ପାଇଁ ଆବଶ୍ୟକ ପାଣିର ଅଭାବ ଚାଷୀଙ୍କୁ ଚାଷରୁ ନିବୃତ୍ତ କରୁଛି। ବିଭିନ୍ନ ନଦୀ ଓ ନାଳରେ ବ୍ୟାରେଜ ଓ କ୍ରିକ୍ ବନ୍ଧ ଦ୍ୱାରା ମଧୁର ଜଳ ଅଟକାଇ କ୍ଷେତକୁ ଜଳସେଚନ ହୋଇପାରନ୍ତା। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜିଲାରେ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। କେନାଲର ଉନ୍ନତୀକରଣ ସହ କ୍ରିକ୍ ବନ୍ଧ ନିର୍ମାଣ କରାଯାଉଛି। ଆଗକୁ ନଦୀରେ ବ୍ୟାରେଜ ଓ ଅଧିକ କ୍ରିକ୍ ବନ୍ଧ ନିର୍ମାଣ ପାଇଁ ଯୋଜନା ରହିଛି ବୋଲି ସେ କହିଛନ୍ତି।

## ବିଆର୍‌ସିସି ନୂଆପଡ଼ା କ୍ରିକେଟ ଟିମ୍ ବିଜୟୀ

### ୪୪ ତମ ଭିନୁମଙ୍କଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଆଳି, ୭।୧ (ବନମାଳୀ ସେନାପତି)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ କାଉନସିଲ ଆୟୋଜନରେ ରବିବାର ୧୧ତମ ଡା. ଦିବାକର ନାଥ ଶର୍ମା ମେମୋରିଆଲ ୪୪ତମ ଭିନୁମଙ୍କଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଏମ୍‌କେସିସି ଆଳି ଓ ବିଆର୍‌ସିସି ନୂଆପଡ଼ା କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏମ୍‌କେସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ବିଆର୍‌ସିସି ନୂଆପଡ଼ା ୨୦.୨ ଓଭରରେ ୨ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା। ବିଆର୍‌ସିସି ଟିମ୍‌ର ଅନିଲ ମଥାନ ୬୦ ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳକୁ ପ୍ଲାବନ ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ପରିଚାଳନା କରିଥିଲେ।

## ନିମପୁର କ୍ରିକେଟ କ୍ଲବକୁ ହରାଇ ବାଲାବାବା ବିଜୟୀ

### ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

ରାଜନଗର, ୭।୧ (ଭାସ୍କର ରାଉତରାୟ)

ରାଜନଗରର ମଦନପୁର ଖେଳ ପଡ଼ିଆରେ ରବିବାର ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ମ୍ୟାଚରେ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇଥିବା ନିମପୁର କ୍ରିକେଟ କ୍ଲବ ଜଗତପୁର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୧ ରନ କରିଥିଲା। ଦଳର ଅବିନାଶ ନାୟକ ୬୫ ବଲରେ ୧୦୫ କରି ଶତକ ଅର୍ଜନ କରିଥିଲେ। ଜବାବରେ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ୧୯.୪ ଓଭରରେ ୬ ଉଇକେଟ ହରାଇ ୨୫୨ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଆଶିଷ ପାତ୍ର ୨୪ ବଲରେ ୪୯ ରନ କରି ଦଳକୁ ବିଜୟୀ କରିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଗ୍ରାମାଞ୍ଚଳ ଥାନାର ଆଇଆଇସି ପଦ୍ମାଳୟା ପ୍ରଧାନ, କବି ବିଷ୍ଣୁ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ଦାଶ, ତନୁଜ ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁଧୀର ବେହେରା, ପୁଷ୍ପକ ପ୍ରଧାନ ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଦୁଲୁକୁଛି ଗାଁ ଦାଣ୍ଡ, ଗଡ଼ୁଛି ଜଗନ୍ନାଥଙ୍କ ଅର୍ପଣ ରଥ

ମହାକାଳପଡ଼ା/ଆଳି/ ଡେରାବିଶ, ୭।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ/ ବନମାଳୀ ସେନାପତି/ବେବର୍ତ୍ତା ଅଜୟ ଦ)




ଯଅଁରାବାରିମୂଳଠାରୁ ବାହାରିଥିବା ଅର୍ପଣ ରଥ।

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ଆଳି, ଡେରାବିଶ ବ୍ଲକ ଅଞ୍ଚଳରେ ରବିବାର ପୂର୍ବାହ୍ନରେ ଜଗନ୍ନାଥଙ୍କ ଅର୍ପଣ ରଥ ଗାଁକୁ ଗାଁ ଗଡ଼ିଛି। ପୂଜା ନାହିଁ କି ପର୍ବ ତଥାପି ସଜେଇ ହୋଇଛି ପୂରା ଗାଁ। ସମସ୍ତଙ୍କ ଘର ଅଗଣାରେ ପଡ଼ିଛି ଝୋଟି। ଆଗେ ଆଗେ ଚାଲିଛି ନାମ ସଂକୀର୍ତ୍ତନ ପଛେ ପଛେ ଗାଁ ଦାଣ୍ଡରେ ଗଡ଼ିଛି କାଳିଆ ସାଆନ୍ତଙ୍କ ଅର୍ପଣ ରଥ। ଗାଁର ମହିଳାମାନେ ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ ପକାଇ ବନ୍ଦାପନା କରୁଛନ୍ତି। ଗାଁରୁ ଗାଁ ମୁଠି ଅରୁଆ ଚାଉଳ, ପାନ, ଗୁଆ, ନଡ଼ିଆକୁ ଅର୍ପଣ ରଥରେ ଶହଶହ ଶ୍ରଦ୍ଧାଳୁ ଦାନ କରୁଛନ୍ତି। ଭକ୍ତି ମୟ ଗାଁ ପରିବେଶ, ସମସ୍ତଙ୍କ ତୁଣ୍ଡରେ ଜୟ ଜଗନ୍ନାଥଙ୍କ ଧ୍ୱନିରେ ପ୍ରକମ୍ପିତ ହେଉଛି।

ଏଭଳି ଏକ ଭାବବେଗ ଅଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅଧୀନ ଅଳାଇଲୋ, ରାଜଗଡ଼ ପଞ୍ଚାୟତରେ। ଏହାକୁ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଅର୍ପଣ ରଥ ସହ ଗାଁକୁ ଗାଁ ପରିକ୍ରମା କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସାଗର କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ମହିଳା ଓଳିଆ ଛକଠାରୁ ବୀଣାପାଣି ବିଦ୍ୟାଳୟ ଛକ ପର୍ଯ୍ୟନ୍ତ ରଥ ପରିକ୍ରମା କରିଥିଲା।

ସେହିପରି ଆଳି ବ୍ଲକ ନିଆଳ ପଞ୍ଚାୟତରୁ ଏହି ଅର୍ପଣ ରଥ ବୁଲିବା ଆରମ୍ଭ କରିଛି। ଶାଳିଅଞ୍ଚ ଗ୍ରାମର କଣ୍ଡେଶ୍ୱରୀ ମନ୍ଦିର ନିକଟରୁ ଏହି ରଥ ବାହାରି ଗାଁ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦ୍ଦେବ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ପଞ୍ଚାୟତର ସରପଞ୍ଚ ଅଶୋକ ମଲିକ, ସମିତିସଭ୍ୟ ସନ୍ତୋଷ ପଢିହାରୀଙ୍କ ସମେତ ପଞ୍ଚାୟତର ଶତାଧିକ ଲୋକ ସାମିଲ ହୋଇଥିଲେ। ସେହିପରି ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ଗଡ଼ିବା ଆରମ୍ଭ ହୋଇଛି। ପଞ୍ଚାୟତ ଅଧୀନ ଯଅଁରାବାରିମୂଳଠାରେ ଥିବା ଇଚ୍ଛାବିହାରୀ ମହାପୁରୁଷଙ୍କ ପୀଠରେ ପୂର୍ବାହ୍ନରେ ଏହି ରଥ ପରିକ୍ରମା କାର୍ଯ୍ୟକୁ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଯଅଁରାବାରିମୂଳ ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ ନଡ଼ିଆ ବାଡ଼େଇ ଶୁଭାରମ୍ଭ କରିଥିଲେ। ବିଡିଓ ଦାଶରଥି ଜେନା, ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ସ୍ଥାନୀୟ ସରପଞ୍ଚ ଶର୍ଙ୍କର୍ଷଣ ପରିଡା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଚାନ୍ଦୋଳ କଲେଜ ଛକ ବଜାରରୁ ଚୋରି

ଡେରାବିଶ, ୭।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ବଜାରରେ ଥିବା ଅଜାଣେଶ୍ୱର ମିଷ୍ଟାନ୍ନ ଭଣ୍ଡାରରୁ ଚୋରି ହୋଇଯାଇଛି। ଦୋକାନର ମାଲିକ ଶ୍ରୀକାନ୍ତ ନାୟକ ସବୁଦିନ ପରି ରାତିରେ ଦୋକାନ ବନ୍ଦ କରି ସୋରିଷିଆ ଗ୍ରାମସ୍ଥିତ ଘରକୁ ଯାଇଥିଲେ। ଶନିବାର ସକାଳେ ଆସି ଦେଖନ୍ତି ତ ତାଙ୍କ ଦୋକାନର ତାଲା ଭଙ୍ଗା ଯାଇଛି। ଭିତରେ ଥିବା ୩ଟି ଗ୍ୟାସ ସିଲିଣ୍ଡର ଓ ବାକ୍ସ ଭିତରେ ଥିବା ନଗଦ ୬ ହଜାର ଟଙ୍କା ଚୋରି ହୋଇଯାଇଛି। ଡେରାବିଶ ଥାନାଠାରୁ ଏହି ଅଞ୍ଚଳଟି ୮ କିଲୋମିଟର ଦୂର ହୋଇଥିବାରୁ ଏହି ଅଞ୍ଚଳରେ ରାତି ପାଟ୍ରୋଲିଂ ହୋଇପାରୁନାହିଁ। ତେଣୁ ଏ ଅଞ୍ଚଳ ପାଇଁ ରାତି ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବ୍ୟବସାୟୀ ଦାବି କରିଛନ୍ତି।

## ଉଲ୍ଲାସ ନାଟ୍ୟ ଉତ୍ସବ ଉଦ୍‌ଘାଟିତ



ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୭।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାଂସ୍କୃତିକ ଓ ସମାଜ କଲ୍ୟାଣ ପରିଷଦ ଉଲ୍ଲାସର ନାଟ୍ୟ ଉତ୍ସବ ସ୍ଥାନୀୟ ଯଜ୍ଞ ପଡ଼ିଆରେ ଆୟୋଜିତ ହୋଇଯାଇଛି। ଉଲ୍ଲାସ ନାଟ୍ୟ ଉତ୍ସବର ସଭାପତି ପ୍ରଫେସର ଦେବବ୍ରତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଉଦ୍‌ଘାଟନ କରି କହିଲେ ଯେ, କଳା, ସଂସ୍କୃତି, ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରି ପଟ୍ଟାମୁଣ୍ଡାଇ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଗୌରବମୟ କଳା ସଂସ୍କୃତି ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ଉଲ୍ଲାସକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, ଆମ ସମ୍ପର୍କ ସମ୍ପାଦକ ବିଶିଷ୍ଟ କଳାକାର ଦେବ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନରେ କଳା ସଂସ୍କୃତି ଓ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉଲ୍ଲାସ ସମ୍ପାଦକ ବାବାଜୀ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲ୍ଲାସ ଉପସଭାପତି କ୍ୟାପଟେନ ମନୋଜ ପରିଡା ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ତପରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣାଙ୍କ ରଚିତ ଓ ରତିକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ ଭଲ ପାଇବାକୁ ଭରସା ନାହିଁ ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଲିଳେନ୍ଦୁ ମହାନ୍ତି, ଶ୍ରୀନିବାସ ପାଢ଼ୀ, ସଞ୍ଜୀବ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଆଧ୍ୟାତ୍ମିକ ପରିବେଶରେ ପରିକ୍ରମା କଲା ଜଗନ୍ନାଥ ଅର୍ପଣ ରଥ

ଜଗତ୍‌ସିଂହପୁର, ୭।୧ (ପ୍ରମୋଦ କୁମାର ନାୟକ)



ଏରସମାରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ଶୁଭାରମ୍ଭ ହୋଇଥିବା ଆମ ଓଡ଼ିଶା, ନବୀନ ଓଡ଼ିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ଦ୍ୱିତୀୟ ଦିନରେ ଜିଲାର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଛି। ରବିବାର ଏହି ରଥ ଜଗତ୍‌ସିଂହପୁର ପୌରାଞ୍ଚଳରେ ପରିକ୍ରମା ଆରମ୍ଭ କରିଛି। ଏନେଇ ଜୟବଡ଼ ଜଗନ୍ନାଥ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ ପୂଜାର୍ଚ୍ଚନା ସହ ୨ଟି ରଥକୁ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଶୁଭାରମ୍ଭ କରିଥିଲେ। ଏହି ସମୟରେ ମନ୍ଦିର ସେବାୟତ ପ୍ରେମାନନ୍ଦ ପଢ଼ିହାରୀ, ନିତ୍ୟାନନ୍ଦ ପଢ଼ିହାରୀ, ଜଗଦାନନ୍ଦ ପଢ଼ିହାରୀ, ସଚ୍ଚିଦାନନ୍ଦ ପଢ଼ିହାରୀ, ପାରିଷଦ ଗଣ, ପରିଷଦର କର୍ମକର୍ତ୍ତା ଓ ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ। ରଥ କୀର୍ତ୍ତନ ମଣ୍ଡଳୀ ସହ ପୌରାଞ୍ଚଳର ସମସ୍ତ ୨୧ଟି ୱାର୍ଡ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ଏସବୁ ଜୟବଡ଼ ଜଗନ୍ନାଥ ମନ୍ଦିରରେ ରଖାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ହାଇସ୍କୁଲରେ ରେଡକ୍ରସ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୭।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ମାଟିଆପଡ଼ା ହାଇସ୍କୁଲରେ ପଟ୍ଟାମୁଣ୍ଡାଇ, ରାଜନଗର ବ୍ଲକ ଜୁନିୟର ରେଡକ୍ରସ ପକ୍ଷରୁ ମିଳିତ ଭାବେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଇଓ ମନୋରଞ୍ଜନ ସେଠୀ ମୁଖ୍ୟଅତିଥି, ରାଜ୍ୟ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଜନଗର ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ, ଜିଲା ରେଡକ୍ରସ ଯୁଗ୍ମ ସମ୍ପାଦକ ବଙ୍କିମ ବିହାରୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶୁଭଶ୍ରୀ ପରିଡା ଧନ୍ୟବାଦ ଦେଇଥିଲେ। ଜିଲା ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ବିଭିନ୍ନ ସ୍କୁଲର ୫୦ଜଣ କାଉନସେଲର ଯୋଗ ଦେଇଥିଲେ।

## ଗୋଟିଏ ରାତିରେ ୨ ସ୍ଥାନରୁ ଚୋରି

ବାଲିକୁଦା, ୭।୧ (ତାପସ ସ୍ୱାଇଁ)

ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ମରିଚପୁର ଗାଁର ଘନଶ୍ୟାମ ମହାନ୍ତି ଓ ପ୍ରଫୁଲ୍ଲ ମୁଦୁଲିଙ୍କ ବାସଭବନରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଦୁର୍ବୃତ୍ତମାନେ ଘରର ତାଲି ଭାଙ୍ଗି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଘନଶ୍ୟାମ ନିଜ ପରିବାର ସହ ପାରାଦୀପରେ ରହୁଥିବାବେଳେ ଦୁର୍ବୃତ୍ତମାନେ ଗ୍ରାମରେ ଥିବା ଘର ତାଲା ଭାଙ୍ଗି ଏକ ଏଲ୍‌ଇଡି ଟିଭି ଚୋରି କରି ନେଇଛନ୍ତି। ସେହିପରି ପ୍ରଫୁଲ୍ଲଙ୍କ ଘରୁ ସୁନା ଚେନ, ୩ ସୁନା ମୁଦି, ସାମସଙ୍ଗ ଟିଭି, ଷ୍ଟାଣ୍ଡ ଫ୍ୟାନ, ପିତ୍ତଳ ବାସନ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ପ୍ରଫୁଲ୍ଲ ଭୁବନେଶ୍ୱରରେ ରହୁଥିବାବେଳେ ନିଜ ପୁତ୍ରବଧୂର ପ୍ରସବ ପାଇଁ ସମସ୍ତ ପରିବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଅଭିଯୋଗ ପାଇ ବନ୍ଦର ଥାନା ପକ୍ଷରୁ ମାମଲା (ନଂ. ୧/୨୪) ରୁଜୁ କରାଯାଇ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି ବୋଲି ପୋଲିସ କହିଛି।

## ସାମାଜିକ କର୍ମୀ ଜନାର୍ଦ୍ଦନଙ୍କ ଶ୍ରାଦ୍ଧ ବାର୍ଷିକୀ

ପଟ୍ଟାମୁଣ୍ଡାଇ, ୭।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ବେଲତଳ ଗ୍ରାମର ଜନାର୍ଦ୍ଦନ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳ, ଅବସରପ୍ରାପ୍ତ ପ୍ରଶାସକ କେଳୁଚରଣ ସ୍ୱାଇଁ, ପ୍ରଫେସର ଅଜୟ ସାମଲ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର ଦେବବ୍ରତ ପ୍ରଧାନ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ନଗର ଯୁବ ବିଜେଡି ସଭାପତି ମିଟୁ ମନୋଜ ନାୟକ,ଓକିଲ ସଂଘ ସଭାପତି ତପନ ମିଶ୍ର ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଣ୍ଡିତ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୌମ୍ୟ ରଞ୍ଜନ ନନ୍ଦ ଓ ଅଭୟ କୁମାର ନନ୍ଦ ପ୍ରମୁଖ ଶ୍ରୀମଦ୍ ଭାଗବତ ଗୀତା ଆବୃତ୍ତି କରିଥିଲେ। ଶେଷରେ ପୁତ୍ର ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଏକ ଦିବସୀୟ ରକ୍ଷକ କର୍ମଶାଳା, ପ୍ରଶିକ୍ଷଣ ଶିବିର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର, ୭।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣଓ ସ୍ଥିତ ସରସ୍ୱତୀ ମଣ୍ଡପ ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଏକଦିବସୀୟ ରକ୍ଷକ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେଶନର ରାଜ୍ୟ ଅଧ୍ୟକ୍ଷ ଆଡ୍‌ଭୋକେଟ ଡ. ସୁନାକର ବେହେରା ଏଥିରେ ସଂଯୋଜନା କରି ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥପୁର ବ୍ଲକ ବିଡିଓ ନମିତା ବାରିକ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜେନେରାଲ ଇନ୍‌ସ୍ୟୁରାନ୍ସ ଶାଖା ପରିଚାଳକ ଦିଲ୍ଲେଶର ମେହର, ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଲୋକନାଥ ସାହୁ,ଏସ୍‌ଆଇ ଯୋଗେଶ୍ୱର ବେହେରା, ସାମାଜିକ କର୍ମୀ ଅନ୍ତର୍ଯାମୀ ରାଉତ, ରକ୍ଷକ ଟ୍ରେନର ହିମାଂଶୁ କର, ସୈନିକ ସଙ୍ଗଠନ ଜିଲା ସଂଯୋଜକ ଦେବାଶିଷ ରଞ୍ଜନ ଦାସ, ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଭାପତି ପଙ୍କଜ କୁମାର ତରାଇ ଯୋଗଦେଇଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ମୋଟରଚାଳକ ସଂଘର ଚାଳକ ଏବଂ ସ୍ୱେଚ୍ଛାସେବୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

## ପୁରୁଣା ଚାକୁଣ୍ଡା ଗଛ ପାଲଟିଛି ମୂକସାକ୍ଷୀ

■ ମା' ରାମଚଣ୍ଡୀ ସେନା ପକ୍ଷରୁ ସୁରକ୍ଷା ଦାବି
■ ଗଛ କୋରଡ଼ରେ ଆଶ୍ରା ନେଉଛନ୍ତି ପକ୍ଷୀ, ସରୀସୃପ

ମହାକାଳପଡ଼ା, ୭।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମା' ରାମଚଣ୍ଡୀ ମନ୍ଦିର ପରିସରରେ ପୁରାତନ ଚାକୁଣ୍ଡା ଗଛ।

ମହାକାଳପଡ଼ା ବ୍ଲକ ରାମନଗରଠାରେ ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ରହିଥିବା ପୁରୁଣା ଚାକୁଣ୍ଡା ଗଛ ମୂକସାକ୍ଷୀ ଭାବେ ଠିଆ ହୋଇଛି। ଇତିମଧ୍ୟରେ ଏହି ଗଛ ଅନେକ ବିପର୍ଯ୍ୟୟକୁ ସାମ୍ନା କରିଛି। ଭାଙ୍ଗି ଯାଇଛି ଶାଖା ପ୍ରଶାଖା, ତଥାପି ହାର ମାନିନି। ଅତୀତର କାହାଣୀ ଓ କିମ୍ବଦନ୍ତୀକୁ ଜାବୁଡ଼ି ଧରି ଅନେକ ଘଟଣା ଦେଖିଛି। ବହୁ ପୁରାତନ ଗଛଟିର ସୁରକ୍ଷା ଦେବା ପାଇଁ ମା' ରାମଚଣ୍ଡୀ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ ପ୍ରମୁଖ କହିଛନ୍ତି।

ଦିନ ଥିଲା କୁଜଙ୍ଗ ଷଣ୍ଡ ବଂଶୀୟ ରାଜା ଘଞ୍ଚ ଅରଣ୍ୟରେ ଶିକାର କରିବାକୁ ଆସି ସଞ୍ଜ ହୋଇଯିବାରୁ ନିଜ ସନ୍ୟ ସାମନ୍ତଙ୍କ ସହ ରାତିରେ ଏହି ଗଛ ମୂଳେ ବିଶ୍ରାମ ନେଇଥିଲେ ବୋଲି ଲୋକେ କହୁଛନ୍ତି। କିନ୍ତୁ ଆଜିକା ଦିନରେ ରାଜା ନାହାନ୍ତି ସତ ହେଲେ ଗଛ ମୂକସାକ୍ଷୀ ହୋଇ ରହିଛି। ପୂର୍ବରୁ ସଞ୍ଜ ନଇଁଲେ ଏହି ଗଛ ମୂଳେ ବିଭିନ୍ନ ଜଙ୍ଗଲି ହିଂସ୍ର ଜୀବଜନ୍ତୁ ଠିକଣା ପାଲଟିଥିଲା। କେବେ କେବେ ଚିତା ବାଘ ଶିକାର କରିବା ପାଇଁ ଗଛ ମୂଳ ଉହାଡରେ ଲୁଚି ଛପି ଜଙ୍ଗଲି ଜୀବଜନ୍ତୁଙ୍କୁ ମାରି ଖାଉଥିଲା। ଅପରପକ୍ଷରେ ଏହି ଗଛର କୋରଡରେ ବିଭିନ୍ନ ବିରଳ ପ୍ରଜାତିର ପକ୍ଷୀ ବସବାସ କରୁଥିଲେ। ପରବର୍ତ୍ତୀ ସମୟରେ ରାଜାଙ୍କ ସ୍ୱପ୍ନାଦେଶ ପରେ ମହାକାଳପଡ଼ାର ବ୍ଲକ ରାମନଗରଠାରେ ଗଛ ନିକଟରେ ଆଜି ମା' ରାମଚଣ୍ଡୀଙ୍କ ବିଜେସ୍ଥଳୀ ପାଲଟି ଯାଇଛି। ପୁରାଣ ବର୍ଣ୍ଣିତ ଜମ୍ବୁ ଦ୍ୱୀପର ବଙ୍ଗୋପସାଗର କୂଳ ଅନତି ଦୂର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ଶୋଭା ପାଉଛି। ଏହି ପୀଠ ମଧ୍ୟରେ ବିରାଜମାନ କରିଛି ଏହି ଚାଖୁଣ୍ଡା ଗଛ। ବିଭିନ୍ନ ଘାତ ପ୍ରତିଘାତ, ଦୁର୍ବିପାକରେ ନିଜର ଅସ୍ତିତ୍ୱ ହରାଇଥିବା ଏହି ଗଛ କୋରଡରେ ଶୁଆ ସାରି, ଧଳା ପେଚାଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ମା' ରାମଚଣ୍ଡୀଙ୍କ ସେବାୟତ (ହୁରିଆ ସଙ୍କୀର୍ତ୍ତନ) କୋଟିଲା ଗାଁର ପୁରୁଖା ପୁରୁଖା ବାପା ଜେଜେ ବାପାଙ୍କଠାରୁ ଶୁଣିବାକୁ ମିଳେ ଏହି ଗଛଟି କାହିଁ କେଉଁ ଅନାଦି କାଳରୁ ରହି ଆସିଛି। ପୂର୍ବ ଓଡ଼ିଶାରେ ଘଟିଥିବା ଭୟଙ୍କର ସାମୁଦ୍ରିକ ଝଡ଼ ୧୮୮୫, ୧୯୨୨, ୧୯୭୧, ୧୯୮୨, ୧୯୯୯ ଆଦିରେ ଘଟି ଯାଇଥିଲେ ମଧ୍ୟ ଏହାକୁ ସାମ୍ନା କରି ଆଜି ବି ବଞ୍ଚି ରହିଛି ଚାକୁଣ୍ଡା ଗଛ। ସେ ଦିନର କଥା କାହାଣୀକୁ ଅତି ନିକଟରୁ ଦେଖିଥିବା ଏହି ଗଛ ହିଁ ବୟାନ କରୁଛି କିମ୍ବଦନ୍ତୀ। ସେ ଦିନର ଏହି ଗଛ କାହାଣୀକୁ ଜେଜେ ବାପା ଅଣଜେଜେ ବାପାଙ୍କଠାରୁ ଶୁଣିଥିବା ମିଳେ ବୋଲି କୋଟିଲା ଗ୍ରାମର ଦୀନବନ୍ଧୁ ରାଉତ(୯୦), ସନାତନ ସ୍ୱାଇଁ (୮୦), ସରୁମୁହିଁ ଗାଁର ଶତାୟୁ ଗୋପୀନାଥ ସ୍ୱାଇଁ (୧୧୨) କହିଛନ୍ତି, ତା' ସହିତ ପିଲା ବେଳେ ବାପାଙ୍କ ସହ ମା'ଙ୍କ ଦର୍ଶନ କରିବାକୁ ଯାଇ ଏହି ଗଛକୁ ଦେଖି ଏହାର କାହାଣୀ ଶୁଣିଥିଲୁ।

# ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ନୃତ୍ୟ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ଓଡ଼ଗାଁ,୭।୧(ଆଦର୍ଶ କୁମାର ପଟ୍ଟନାୟକ)–ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ସୁନାମୁହିଁ କେଉଟ ସାହିରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ସାହିର ଦିଲୀପ ପ୍ରଧାନ (୪୭)। ରବିବାର ଅପରାହ୍ନରେ ଦିଲୀପ ଘର ନିକଟରେ ଥିବା ଚଣ୍ଡୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ଦିଲୀପ ପୋଖରୀରେ ବୁଡ଼ି ଭାସୁଥିବାର ଦେଖି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦିଲୀପଙ୍କ ଭାଇ ଅମୂଲ୍ୟ ପ୍ରଧାନ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ରାସ୍ତାପାର୍ଶ୍ୱ ଖାଦ୍ୟ ପଦାର୍ଥ ଦୋକାନରେ ଚଢ଼ାଉ

ନୟାଗଡ଼,୭।୧(ଲୋକନାଥ ମିଶ୍ର):ନୟାଗଡ଼ ତ୍ରିନାଥ ଛକଠାରୁ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରେ ଥିବା ରାସ୍ତା ପାର୍ଶ୍ୱସ୍ଥ ଖାଦ୍ୟ ପଦାର୍ଥ ଦୋକାନୀ ଉପରେ ଶୁକ୍ରବାର ରାତିରେ ଚଢ଼ାଉ କରାଯାଇଥିଲା । ଖାଦ୍ୟ ବିକ୍ରି ଲାଇସେନସ୍ ନ ଥିବା, ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିବା, ଖାଦ୍ୟରେ ବିଭିନ୍ନ ରଙ୍ଗ ପ୍ରୟୋଗ କରୁଥିବା,ବେଆଇନ ଭାବେ ମାଦକ ଦ୍ରବ୍ୟ ରଖିଥିବା ଦୋକାନୀମାନଙ୍କଠାରୁ ୨୪୫୦ ଟଙ୍କା ଆଦାୟ କରାଯାଇଥିଲା । ଶୁକ୍ରବାର ସନ୍ଧ୍ୟାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପା ନିଳିମା ଲାକ୍ରାଙ୍କ ନେତୃତ୍ୱରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ସହକାରୀ ପରିଚାଳକ ଅଣସଂକ୍ରାମକ ରୋଗ ଦୀନବନ୍ଧୁ ସାହୁ ଏବଂ ଟାଉନ ଥାନାର ଆରକ୍ଷୀ ଅଧିକାରୀମାନେ ଚଢ଼ାଉରେ ସାମିଲ ଥିଲେ ।

### ଦୁଇ ଧର୍ମ ପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡ଼ା,୭।୧(ଅଜୟ କୁମାର ମହାରଣା)–ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ଦୁଇ ଜଣ ଧର୍ମପରାୟଣା ମହିଳାଙ୍କ ଶନିବାର ପରଲୋକ ହୋଇଯାଇଛି । କଣ୍ଟିଲୋ ବାପୁଜୀ ନଗରସ୍ଥିତ କମଳା ସାହୁ(୮୪)ଙ୍କ ପରଲୋକ ହୋଇ ଯାଇଥିବା ବେଳେ ସ୍ଥାନୀୟ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଯାଇଛି । ପୁଅ ଅର୍ଜୁନ ମୁଖାଗ୍ନି ଦେଇଥିଲେ । ସେହିପରି କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମର ଶଶୀ ମହାରଣା(୮୫)ଙ୍କ ଶନିବାର ପରଲୋକ ହୋଇଯାଇଛି । ସ୍ଥାନୀୟ ମହିମା ଟୁଙ୍ଗୀ ସମ୍ମୁଖ ଶ୍ମଶାନ ଘାଟରେ ଶେଷକୃତ୍ୟ ସରିଛି । ପୁଅ ପ୍ରତାପ ମୁଖାଗ୍ନି ଦେଇଥିଲେ ।


କମଳା ସାହୁ

## ରଣପୁର ମହୋତ୍ସବ ଅର୍ଜୁନ-୨୦୨୪

### ଶ୍ରୀଜଗନ୍ନାଥଙ୍କୁ ଅସମ୍ମାନ ଅଭିଯୋଗ

ରଣପୁର,୭।୧(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ୍ ବାଘସାମନ୍ତ ପଡ଼ିଆର ମୁକ୍ତ ଆକାଶ ରଙ୍ଗମଞ୍ଚରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୬ତମ ରଣପୁର ମହୋତ୍ସବ ଅର୍ଜୁନ–୨୦୨୪ । ଉଦ୍‌ଘାଟନୀ ଉତ୍ସବରେ ସେଠାର ସ୍ଥାନ ପାଇଥିଲା ଶ୍ରୀଜଗନ୍ନାଥଙ୍କ ବାଲୁକା କଳା । ସ୍ଥାନୀୟ ବାଲୁକା ଶିଳ୍ପୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ବାଲୁକା କଳା ସେଦିନ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ହେଲେ ଶନିବାର ସେହି ସ୍ଥାନର ରୂପରେଖ ବଦଳି ଯାଇଥିଲା । ଶ୍ରୀଜଗନ୍ନାଥଙ୍କ ବାଲୁକା କଳା ସ୍ଥଳରେ ମଦ ବୋତଲ, ଚପଲ, ଗାଡ଼ି, ଭଙ୍ଗା ଚୌକି ପଡିଥିବା ଦେଖିବାକୁ ମିଳିଥିଲା । ମହୋତ୍ସବର ଆୟୋଜକମାନେ ଏହା ଦେଖି ନ ଦେଖିବା ପରି ରହିଥିଲେ। ଏହାକୁ ନେଇ ରଣପୁର ଜଗନ୍ନାଥ ସେନା ପକ୍ଷରୁ ବିରୋଧ କରାଯାଇଥିଲା। ଏପରି ଘଟଣାକୁ ନେଇ ରଣପୁର ମହୋତ୍ସବ କମିଟିର ଅଧ୍ୟକ୍ଷ ଅଡୁଆରେ ପଡିଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଚାରିପାଖରେ କଡନ କରାଯିବା ସହିତ ବିଭିନ୍ନ ସାମଗ୍ରୀ ହଟାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏ ନେଇ ରଣପୁର ଜଗନ୍ନାଥ ସେନାର ମୁଖ୍ୟ ବିରଜା ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମହୋତ୍ସବରେ ଶ୍ରୀଜଗନ୍ନାଥଙ୍କୁ ଅସମ୍ମାନ କରାଯାଇଥିଲା।



ଜଗନ୍ନାଥଙ୍କ ବାଲୁକାକଳା ନିକଟରେ ରଖାଯାଇଥିବା ବିଭିନ୍ନ ସାମଗ୍ରୀ। ଅଭିଯୋଗ ପରେ ପୂଜାର୍ଚ୍ଚନା କରାଯାଇଛି।

ଏହାକୁ ନେଇ ଜଗନ୍ନାଥ ସେନା ବିରୋଧ କରିବାରୁ ଶନିବାର ଠାକୁରଙ୍କ ବାଲୁକା କଳା ସ୍ଥାନରେ ବ୍ୟାରିକେଟ୍ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏ ସଂକ୍ରାନ୍ତରେ ରଣପୁର ମହୋତ୍ସବ କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ ।

ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ, ସତ୍ୟଜିତ୍ ଗ୍ରୁପ ମେଲୋଡି କଟକର ଡ୍ୟାନ୍ସ ସହିତ ସିନେ କଳାକାରଙ୍କ ସଂଳାପ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା । ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବହୁ ସମୟ ଧରି ମଞ୍ଚ ପାଖରେ ବାନ୍ଧି ରଖିଥିଲା। ରଣପୁର ସଙ୍ଗୀତ କଳାବିଦ୍ୟାନିକେତନ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ ଓ ଓଡ଼ିଶୀ ନୃତ୍ୟ ସହିତ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା । ଏହାକୁ ସଙ୍ଗୀତ କଳା ନିକେତନର ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, କବି ପବିତ୍ର ମୋହନ ସୁବୁଦ୍ଧି, ରଣପୁର ତହସିଲଦାର ରବୀନ ଚଟିଲି ମିଶ୍ର, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ପ୍ରମୁଖ ସମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ କମିଟିର ସମ୍ପାଦକ ସୁରେଶ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ । ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, ବ୍ୟକ୍ତି ବିଶେଷଙ୍କ ସହିତ କେତେଜଣ ଖବରଦାତାଙ୍କୁ ରଣପୁର ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

ଏହି ମହୋତ୍ସବ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଶୀତୁଆ ସନ୍ଧ୍ୟାରେ ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇବା ସହିତ ମୀନବଜାର, ରାମଦୋଳି, ମିକିମାଉସୀ ସହ ଖୋଲିଥିବା ବିଭିନ୍ନ ଷ୍ଟଲରେ ଭିଡ଼ ଜମାଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ରଣପୁର ଥାନା ଅଧିକାରୀଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

### ଶହୀଦ ପରିବାରଙ୍କ ଘରେ ମହୋତ୍ସବ କମିଟି

ରଣପୁର,୭।୧(ସୁକାନ୍ତ କିଶୋର ଡାକୁଆ)–ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ରଙ୍ଗୀନ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସ୍ୱରାଜ ମହାନ୍ତି ପ୍ରମୁଖ ମୟୂର ଝାଲିଆ ଗ୍ରାମର ଶହୀଦ ଅର୍ଜୁନ ରାଉତଙ୍କ ଘରେ ପହଞ୍ଚି ଥିଲେ । ଏହି କମିଟି ଶହୀଦଙ୍କ ପରିବାରକୁ ଭେଟି ନିମନ୍ତ୍ରଣ କରିବା ସହିତ ମହୋତ୍ସବକୁ ଆସିବା ପାଇ ଅନୁରୋଧ କରିଥିଲେ । ମହୋତ୍ସବରେ ଉନ୍ମୋଚିତ ହେବାକୁ ଥିବା ମୁଖପତ୍ର ଅର୍ଜୁନକୁ ଉନ୍ମୋଚନ କରିବା ପାଇଁ କହିଥିଲେ । ରଣପୁର ଅଞ୍ଚଳର ଶହୀଦମାନଙ୍କୁ ମନେପକାଇବା ପାଇ ବାଘସାମନ୍ତ ପଡ଼ିଆରେ ଗତ ୫ ତାରିଖରୁ ରଣପୁର ମହୋତ୍ସବ 'ଅର୍ଜୁନ' ଆରମ୍ଭ ହୋଇଥିଲା । ହେଲେ ଶହୀଦଙ୍କ ପରିବାରକୁ ନିମନ୍ତ୍ରଣ କରିବାକୁ କମିଟି ଭୁଲିଯାଇଥିଲେ । ଏ ସଂକ୍ରାନ୍ତରେ ଶନିବାର ଧରିତ୍ରୀରେ ଶହୀଦଙ୍କ ପରିବାର ଅଲୋଡ଼ା ଶୀର୍ଷକ ଖବର ପ୍ରକାଶ ପାଇବା ପରେ କମିଟିର ଚେତା ଫେରିଥିଲା ।

### ସାତକୋଶିଆରେ ଚାଲିଛି କୁମ୍ଭୀର ଗଣନା

#### ୧୦ରେ ପକ୍ଷୀ ଗଣନା

ଗଣିଆ,୭।୧(ସନ୍ତୋଷ କୁମାର ପ୍ରଧାନ)

ସାତକୋଶିଆ ଗଣ୍ଡ ଅଞ୍ଚଳରେ ଗତ ୬ ତାରିଖରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି । ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ୧୦ ତାରିଖରେ ପକ୍ଷୀ ଗଣନା କରାଯିବ ବୋଲି ସୂଚନା ମିଳିଛି । ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ ବନାଞ୍ଚଳର ବଡମୂଳଠାରୁ ମଣିଭଦ୍ରା ଓ ବଡମୂଳଠାରୁ କୁତୁରୀ ଓ କୁତୁରୀ ଠାରୁ ମାରଡା ପର୍ଯ୍ୟନ୍ତ ୩ଟି ଟିମ୍ ରେ ବନକର୍ମଚାରୀମାନେ ଗଣନା କାର୍ଯ୍ୟରେ ନିୟୋଜିତ ହେବେ । ପ୍ରତି ଟିମ୍‌ରେ ଜଣେ ନାଉରିଆ ସହ ଜଣେ ବନପାଳ କିମ୍ବା ବନରକ୍ଷୀ ଦେଶୀ ଡଙ୍ଗାରେ ଯାଇ ଗଣନା କାର୍ଯ୍ୟ କରିବେ । ସକାଳ ସୂର୍ଯ୍ୟୋଦୟଠାରୁ ମଧାହ୍ନ ୧୨ଟା ଯାଏଁ ଏହି ଗଣନା କାର୍ଯ୍ୟ ଚାଲୁରହିବ । ମହାନଦୀ ତଥା ଆଖପାଖ ଅଞ୍ଚଳର ଜଳାଶୟରେ ମଧ୍ୟ ଏହି ଗଣନା କାର୍ଯ୍ୟ କରାଯିବ । ଏଥିନେଇ ସାତକୋଶିଆ ଗଣ୍ଡ ଅଞ୍ଚଳରେ ପର୍ଯ୍ୟଟକଙ୍କ ପାଇଁ ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ବୋଟିଂ ବନ୍ଦ ରହିବ । ଅନ୍ୟପରି ମହାନଦୀରେ ମାଛ ମାରିବାକୁ ଯାଉଥିବା ମାଛଧରାଳିଙ୍କୁ ମଧ୍ୟ ନଦୀ ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଇଛି । ସେହିପରି କୁଶଙ୍ଗ ବନାଞ୍ଚଳରେ ୩ଟି ଟିମ୍ ମାରଡା ଠାରୁ ସୁନାଖଣିଆ, ସୁନାଖଣିଆ ଠାରୁ ଶୀତଳପାଣି ଓ ଶୀତଳପାଣି ଠାରୁ ହରଭଙ୍ଗା ପର୍ଯ୍ୟନ୍ତ କୁମ୍ଭୀର ଓ ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି । ତେବେ ୧୦ତାରିଖ ଦିନ କେବଳ ପକ୍ଷୀ ଗଣନା କାର୍ଯ୍ୟ କରାଯିବ ବୋଲି ଜଣାପଡିଛି ।

## ନୂଆଗାଁ ବ୍ଲକରେ ବୁଲିଲା ଅର୍ପଣ ରଥ


ଶ୍ରୀ ଜଗନ୍ନାଥ ଅର୍ପଣ ରଥକୁ ଶୁଭାରମ୍ଭ କରାଯାଉଛି ।

ନୂଆଗାଁ,୭।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଶନିବାର ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି । ଏହି ଥର ଶନିବାର ଓ ରବିବାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି ।

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରତି ପରିବାର ଏହି କାର୍ଯ୍ୟକ୍ରମରେ କିପରି ସାମିଲ ହୋଇ ପାରିବେ ସେଥିପାଇଁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରଶାସନକୁ ଏକ ପ୍ରସ୍ତାବ ଦିଆଯାଇଛି । ସେହି ପ୍ରସ୍ତାବ ମୁତାବକ ରାଜ୍ୟର ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି । ସେଥିପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥ ବୁଲିବାର ବ୍ୟବସ୍ଥା କରାଯାଇଛି । ନୂଆଗାଁ ବ୍ଲକ ପକ୍ଷରୁ ୪ ଅର୍ପଣ ରଥକୁ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା , ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ , ବିଡିଓ ବାସୁଦେବ ନାୟକଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା । ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ସହ ବିଭିନ୍ନ ଗ୍ରାମ ପରିକ୍ରମା କରିବ । ପ୍ରଥମ ଦିନରେ ୪ ରଥ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ ଓ ଚାହାଳି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି । ସେହି ଦାନକୁ ସମ୍ପୃକ୍ତ ପଞ୍ଚାୟତରେ ଥିବା କୌଣସି ଏକ ମନ୍ଦିରରେ ରଖାଯିବ । ପରେ ସେଠାରୁ ବ୍ଲକର କୌଣସି ଏକ ମନ୍ଦିରରେ ଏକତ୍ରିତ କରାଯିବାର ବ୍ୟବସ୍ଥା ରହିଛି । ତେଣୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ବିଡିଓ ବାସୁଦେବ ନାୟକ ନିବେଦନ କରିଛନ୍ତି ।

### ଭାଟସାହି ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ

ନୟାଗଡ଼,୭।୧(ଲୋକନାଥ ମିଶ୍ର)

ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାରୋହ ପାଇଁ ଗାଁ ଗାଁ ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି ଜୟ ଜଗନ୍ନାଥ ସମର୍ପଣ ରଥ । ସମର୍ପଣ ରଥ ନୟାଗଡ଼ ବ୍ଲକର ଭାଟସାହି ମହାଦେବ ମନ୍ଦିରରେ ପହଞ୍ଚି ନୟାଗଡ଼ ବ୍ଲକରେ ଚାଉଳ ଓ ଗୁଆ ସଂଗ୍ରହ କାମ ଆରମ୍ଭ କରିଛି । ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅର୍ପଣ ରଥକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ସମୟରେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୂଚାରୁ କୁମାର ବଳ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଭାଟସାହି ସରପଞ୍ଚ ସାରଦା କୁମାରୀ ସାହୁ, ସମିତି ସଭ୍ୟ ସାବିତ୍ରୀ ପ୍ରଧାନ, ବିଡିଓ ପଦ୍ମ ଚରଣ ସାହୁ ଉପସ୍ଥିତ ଥିଲେ । ରଥ ଲଡୁକେଶ୍ୱରପୁର, କମଳାପାଟଣା, ଗୋପାଳ ସାହି, ଦଣ୍ଡେଇ ସାହି ପରିକ୍ରମା କର ଭକ୍ତଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରୁଛି । ରଥ ସହ ଭକ୍ତ, ସଂକୀର୍ତ୍ତନ ମଣ୍ଡଳୀ ଓ ଭଜନ ଗ୍ରୁପ ସାମିଲ ହୋଇ ଜଗନ୍ନାଥଙ୍କ ମହିମା ପ୍ରଚାର କରୁଛନ୍ତି । ପରିକ୍ରମା ପରେ ସଂଗୃହୀତ ଚାଉଳ ଓ ଗୁଆ ମହାଦେବ ମନ୍ଦିରରେ ରଖାଯାଇଛି । ରବିବାର ଭାଟସାହିର ଅବଶିଷ୍ଟ ଗାଁ ଗୁଡ଼ିକ ପରିକ୍ରମା କରିବ ।

### ଓଡ଼ଗାଁ ସାମ୍ବାଦିକ ସଂଘର ସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଓଡ଼ଗାଁ,୭।୧(ଆଦର୍ଶ କୁମାର ପଟ୍ଟନାୟକ )

ନକାରାତ୍ମକ ଖବର ସଙ୍କଟ ମଧ୍ୟକୁ ଟାଣି ନେଉଥିବାବେଳେ ସକାରାତ୍ମକ ଖବର ପରିବେଷଣ ନୂତନ ସୁଯୋଗ ସୃଷ୍ଟି କରିବା ସହ ମୌଳିକ ସମସ୍ୟାର ସମାଧାନ କରେ।ସକାରାତ୍ମକ ଖବର ପରିବେଷଣ ଉନ୍ନତ ସମାଜ ଗଠନ ପାଇଁ ଜରୁରୀ ଅଟେ ବୋଲି ଓଡ଼ଗାଁ ବ୍ଲକରୋଡ଼ ପାର୍ଶ୍ୱରେ ଓଡ଼ଗାଁ ସାମ୍ବାଦିକ ସଂଘର ନୂତନ ସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ କରି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି। ଏହି ଅବସରରେ ପଞ୍ଚାୟତ ସମିତି ସଭାଗୃହରେ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକଙ୍କ ସମେତ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୁଷଣ କର, ବ୍ଲକ ଅଧକ୍ଷ ଲୋକନାଥ ସାହୁ,ଉପାଧକ୍ଷା ମୀରା ନାୟକ,ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ,ତହସିଲଦାର ମାନସ ରଞ୍ଜନ ଭୋଇ,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଉପଦେଷ୍ଟା ସୂର୍ଯ୍ୟନାରାୟଣ ଚୌଧୁରୀ, ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରମୋଦ ବିଶ୍ୱାଳ, ସଂଘ ଉପଦେଷ୍ଟା ଦିବାକର ନାୟକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧିଙ୍କ ସମେତ ଉତ୍କଳ ସାମ୍ବଦିକ ସଂଘ ସୁନ୍ଦରଗଡ଼ ଜିଲା ସଭାପତି ପ୍ରଦୀପ୍ତ କୁମାର ତ୍ରିପାଠୀ, ଦିନଦୟାଲମେଲ ସମ୍ପାଦକ ଶିବଶରଣ ମିଶ୍ର ଉପସ୍ଥିତ ଥିଲେ । ଶେଷରେ ସଂଘର ସମ୍ପାଦକ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଆଦର୍ଶ ପଟ୍ଟନାୟକ, କୋଷାଧକ୍ଷ ସାରସ କୁମାର ମିଶ୍ର, କାର୍ଯ୍ୟକାରୀ ସଭ୍ୟ ରାମକୃଷ୍ଣ ପରିଡା,ଫକୀରମୋହନ ମହାରଣା, ସଭ୍ୟ ନାରାୟଣ ପାଣିଗ୍ରାହୀ, ଦୀନବନ୍ଧୁ ମହାପାତ୍ର,ଜୟକୃଷ୍ଣ ସାହୁ,ରିପନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସାମ୍ବାଦିକ ସଂଘ କାର୍ଯ୍ୟାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଦଶପଲ୍ଲା-କଟକ ମଧ୍ୟରେ ପାସେଞ୍ଜର ଟ୍ରେନ ଚଳାଇବାକୁ ଦାବି

ନୟାଗଡ଼,୭।୧(ଲୋକନାଥ ମିଶ୍ର)

### ନୟାଗଡ଼, ମହୀପୁର ଓ ସାନପଦରରେ ରେଳମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦଶପଲ୍ଲା ରେଳ ଷ୍ଟେଶନ ଉଦ୍‌ଘାଟନ ପାଇଁ ଶନିବାର ରେଳପଥ ଦେଇ ଯାଉଥିବା ବେଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ସାନପଦରଠାରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ତାଙ୍କୁ ସ୍ୱାଗତ କରିବା ସହ ଯାତ୍ରୀ ହଲ୍ଟ ମଞ୍ଜୁର କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ନୟାଗଡ଼ ଟାଉନ ଓ ମହିପୁର ଷ୍ଟେଶନରେ ପ୍ରାୟ ୫୦୦ ଲୋକ ଏକତ୍ରିତ ହୋଇ ରେଳମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍ମାରକପତ୍ର ଦେଇଥିଲେ।

ନୟାଗଡ଼ ନାଗରିକ ମଞ୍ଚ ଏବଂ ତାଳଚେର–ଗୋପାଳପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ସାକ୍ଷାତ କରି ବିଭିନ୍ନ ଦାବି ସମ୍ପର୍କରେ ଫେରାଦ ହୋଇଛନ୍ତି। ତାଳଚେର–ଗୋପାଳପୁର ରେଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ନୟାଗଡ଼ ହାୱ୍ଡ଼ା ଏବଂ ବାଙ୍ଗାଲୋରକୁ ନୂତନ ଟ୍ରେନ ଚଳାଚଳ କରିବା,କେନ୍ଦୁଝର–ଖୋର୍ଦ୍ଧାରୋ ଏବଂ ପାରାଦୀପ–କଟକ ପାସେଞ୍ଜର ଟ୍ରେନକୁ ନୟାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା,ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ଟ୍ରେନକୁ ଭଦ୍ରକ କିମ୍ବା ପାରାଦୀପ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବି ରହିଛି। ସେହିଭଳି ଦଶପଲ୍ଲାରୁ ଭୁବନେଶ୍ୱର ଏବଂ ଦଶପଲ୍ଲାରୁ ପୁରୀ ମଧ୍ୟରେ ଅଧିକ ପାସେଞ୍ଜର ତଥା ମେମୁ ଟ୍ରେନ ଚଳାଚଳ କରିବା,ନୟାଗଡ଼ ରାଜ୍ୟ ରାଜପଥରେ ନିର୍ମାଣାଧୀନ ଓଭରବ୍ରିଜ କାମ ବିଳମ୍ବିତ ହେଉଥିବା ବେଳେ ଏହାକୁ ତୁରନ୍ତ ଶେଷ କରିବା ସହିତ ନୟାଗଡ଼ ଷ୍ଟେଶନରେ ନିର୍ମାଣଧୀନ ଦ୍ୱିତୀୟ ପ୍ଲାଟଫର୍ମ ଏବଂ ଫୁଟ୍ ଓଭରବ୍ରିଜ କାମ ତୁରନ୍ତ ଶେଷ କରାଯିବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅନ୍ୟପକ୍ଷରେ କଟକ ବଡ଼ ଡାକ୍ତରଖାନା ଉପରେ ଜିଲାର ବହୁ ଅଧିବାସୀ ନିର୍ଭର କରୁଥିବାରୁ ଦଶପଲ୍ଲାରୁ କଟକ ମଧରେ ଏକ ପାସେଞ୍ଜର ଟ୍ରେନ ଚଳାଚଳ କରାଯିବାକୁ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା । ଦାବି ଗୁଡ଼ିକ ପ୍ରତି କେନ୍ଦ୍ର ରେଳମନ୍ତ୍ରୀ ବିଚାର କରି ଦେଖିବେ ବୋଲି କହିଥିବା ବେଳେ ତାଳଚେର–ଗୋପାଳପୁର ପ୍ରକଳ୍ପ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପକ୍ଷରୁ କୁହାଯାଇଥିବା ରେଳମନ୍ତ୍ରୀ ପ୍ରକାଶ କରିଥିଲେ । ତାଳଚେର–ଗୋପାଳପୁର କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ,ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ,ଉପସଭାପତି ପ୍ରଦୀପ ସାହୁ,ଦାମୋଦର ସାହୁ,ଗୋକୁଳ ଷଡ଼ଙ୍ଗୀ,ପ୍ରଦୀପ୍ତ ଡାକୁଆ,ପ୍ରଫୁଲ୍ଲ ନାୟକ ତଥା ବରିଷ୍ଠ ନାଗରିକ ତ୍ରିନାଥ ସାହୁ,ନିରଞ୍ଜନ ମିଶ୍ର,ଗୋଦାବରୀଶ ସାହୁ ପ୍ରମୁଖ ରେଳମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ମହିପୁରଠାରେ ମହିପୁର ଷ୍ଟେଶନରେ ଟିଣ ସିଟ୍ ପକାଇବା, ଦୁଇ ଚକିଆ ଯାନ ପାଇଁ ଷ୍ଟାଣ୍ଡ କରିବା ଦାବି ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ନୀଳମାଧବ କ୍ଷେତ୍ରକୁ ରେଳ ସଂଯୋଗ ହେବା କଥା ଦୋହରାଇଲେ ମନ୍ତ୍ରୀ

ଖଣ୍ଡପଡ଼ା,୭।୧
(ଅଜୟ କୁମାର ମହାରଣା)

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଖଣ୍ଡପଡ଼ା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି ଅବସରରେ ସେ ଖଣ୍ଡପଡ଼ା ଓ କଣ୍ଟିଲୋ ନୀଳମାଧବ ପୀଠକୁ ରେଳ ସଂଯୋଗ ନେଇ ନୀତିଗତ ନିଷ୍ପତ୍ତି ଓ ବଜେଟ୍ ବ୍ୟବସ୍ଥା କରାଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି । ଖଣ୍ଡପଡ଼ା ପଠାଣି ସାମନ୍ତ କଲ୍ୟାଣ ମଣ୍ଡପରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ.ଅର୍ଚ୍ଚନା ଦାଶଙ୍କ ଅବାହକତ୍ୱରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସେ ଏ ସମ୍ପର୍କରେ ଦୋହରାଇଛନ୍ତି । ଏହାଛଡା ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରି ସଙ୍ଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ଯୋଜନାରେ ଲୋକଙ୍କୁ ମାଗଣା ଖାଦ୍ୟ ପ୍ରଦାନ ବ୍ୟବସ୍ଥାକୁ ଆସନ୍ତା ୫ବର୍ଷ ଯାଏ ବଢାଇଥିବା ନେଇ ସୂଚନା ଦେଇଥିଲେ। ପରେ ସହରାଞ୍ଚଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ରାଜ୍ୟସଭା ସାଂସଦ ପାଣ୍ଠିରୁ ବିଦ୍ୟାଳୟ ନୂତନ ଗୃହ ଓ ଶୌଚାଳୟ ନିମନ୍ତେ ପ୍ରାୟ ୧୩ ଲକ୍ଷ ଟଙ୍କା ଅନୁଦାନ ଅର୍ଥ ଅନୁମୋଦନ କରିଥିବା ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଶିଶୁକବି କାଶୀନାଥ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତିନ୍ ମହାନ୍ତି, ସାରଦା ପ୍ରସାଦ ଶତପଥୀ, କଟକ ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ନୟାଗଡ଼ ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ସଭାପତି ତାପସ ରଞ୍ଜନ ମାର୍ଥା, ବିଧାନସଭା ପ୍ରଭାରୀ ପ୍ରଶନ୍ନ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର, ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ଖଣ୍ଡପଡ଼ା ବିଧାନସଭା ମଣ୍ଡଳ ସଭାପତି ସୟ ପ୍ରଧାନ, କାର୍ତ୍ତିକ ନାୟକ, ଅଜୟ ନାୟକ. ପ୍ରକାଶ ବାହିନୀପତି, ଜିଲା ଉପସଭାପତି ମନମୋହନ ସାମନ୍ତରାୟ, ଜିଲା ସମ୍ପାଦକ ରବିନ୍ଦ୍ର ପଟ୍ଟନାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ କଣ୍ଟିଲୋ ବାପୁଜୀ ନଗରସ୍ଥିତ ଗାନ୍ଧୀପାର୍କଠାରେ ଡ଼ାକ ବିଭାଗ ପକ୍ଷରୁ ଆୟୋଜିତ ଡ଼ାକମେଳାକୁ ରେଳମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ । ପ୍ରାରମ୍ଭରେ ମହାପ୍ରବନ୍ଧକ ଶୁଭେନ୍ଦୁ ସ୍ୱାଇଁ ପୋଷ୍ଟ ଅଫିସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ବୁଝାଇଥିଲେ । ଉପସ୍ଥିତ ଲୋକମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ରେଳମନ୍ତ୍ରୀ ଅବଗତ କରିଥିଲେ ।



କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

